# œÿêÁÿLÿ=ÿZÿ "¨¨ àÿæZÿ Àÿæþæß~'{Àÿ HÝAæ fætÿêßtÿæ

ଡଃ ତ୍ରିନାଥ ହୋତା

ସତ୍ୟବାଦୀ ଗୋଷ୍ଠୀର ସମସ୍ତ ସଦସ୍ୟ ଥିଲେ ଉଚ୍ଚଶିକ୍ଷିତ, ଜ୍ଞାନୀ ଓ ପଣ୍ଡିତ । ସେମାନଙ୍କ ସାହିତ୍ୟ ସୃଷ୍ଟିର ପ୍ରଧାନ ଆଭିମୁଖ୍ୟ ଥିଲା ଜାତୀୟତା, ସମାଜ ସଂସ୍କାର ଓ ଜନସେବା । ସେମାନେ ଯେଉଁ ଜାତୀୟଭାବ ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ, ତାହା ଗୋଟିଏ ମୁହୂର୍ତ୍ତର ଆକସ୍ମିକ ସ୍ଫୁରଣ ନୁହେଁ । ବହୁବର୍ଷର ପୁଞ୍ଜୀଭୂତ ଅସନ୍ତୋଷର ଆତ୍ମପ୍ରକାଶ । ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ବ୍ରିଟିଶ୍ ସରକାରଙ୍କ ଶାସନାଧୀନ ହୋଇଛି । ସେହି ସମୟଠାରୁ ୧୯୦୩ ଖ୍ରୀଷ୍ଟାବ୍ଦରେ ଉତ୍କଳ ସମ୍ମିଳନୀ ଗଠନ ହେବା ପର୍ଯ୍ୟନ୍ତ ଦୀର୍ଘ ଏକଶତ ବର୍ଷ ବ୍ୟାପି ଅନ୍ୟାୟ, ଅତ୍ୟାଚାର, ଶୋଷଣ ଓଡ଼ିଆ ଜାତିର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ସେ ଦୁର୍ଦ୍ଦିନରେ କେତେଜଣ ବଙ୍ଗୀୟ ବ୍ୟକ୍ତି ଓଡ଼ିଆ ଭାଷାର ବିଲୋପ ସାଧନ ପାଇଁ ଅଭିଯାନ ଚଳାଇଥିଲେ ।



ମାତ୍ର ତାକୁ ପ୍ରତିହତ କରିବାକୁ ଯେଉଁ ଲେଖକ, କବିମାନେ ଲେଖନୀ ଚାଳନା କରିଥିଲେ ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଥିଲେ ଅନ୍ୟତମ । ଗଦ୍ୟ ରଚନାରେ ନୀଳକଣ୍ଠ ଅନନ୍ୟ ସାଧାରଣ । କ୍ଲିଷ୍ଟ ଶବ୍ଦ ପ୍ରାୟ ସେ ପରିହାର କରିଛନ୍ତି । ତାଙ୍କ ଦାର୍ଶନିକ ପ୍ରବନ୍ଧର ଭାବ ସରଳ ଓ ବିଶ୍ଳେଷଣାତ୍ମକ । ସେ ଗ୍ରାମ୍ୟଶବ୍ଦ ବ୍ୟବହାର କରିଛନ୍ତି । ଯାହାକି ତାଙ୍କର ଭାଷା ଦେଶର ଭୂଇଁ ଫୁଟାଇ ବାହାରିଛି । ଏଥିରେ ଅନୁକରଣ ନାହିଁ, ଅସ୍ୱାଭାବିକତା ନାହିଁ । ପ୍ରାବନ୍ଧିକଙ୍କ ଚିତ୍ତ ସଂସ୍କାରମୁକ୍ତ, ସ୍ୱଚ୍ଛ ଓ ସ୍ୱଚ୍ଛଳ, ସରସ ଓ ସାବଲୀଳ । ଏହା ଅପୂର୍ବ ବିଶ୍ୱ ସଂସ୍କୃତି – ବୋଧଶକ୍ତିର ପରିଚୟ ଦେଇଛି ।

ତାଙ୍କ କର୍ମମୟ ଜୀବନରେ ସେ ଯୁବଶକ୍ତିର ଚିର ଉପାସକ ଥିଲେ । ସମାଜରେ, ସାହିତ୍ୟରେ, ରାଜନୀତିରେ ସବୁଥିଲେ ଯୁବପ୍ରାଣର ସଞ୍ଚାର ପାଇଁ ସେ ସର୍ବଦା ବିପ୍ଳବ କରି ଆସିଛନ୍ତି । ସେଥିପାଇଁ ଶିଶୁ ସାହିତ୍ୟର ଲେଖକ ହିସାବରେ ନୀଳକଣ୍ଠ ଯଶସ୍ୱୀ ହୋଇଛନ୍ତି । ଏହା ମୁଖ୍ୟତଃ ଗଦ୍ୟଲାଗି । ତାଙ୍କର ଶିଶୁ କବିତା ସବୁ ପାଠ୍ୟ ପୁସ୍ତକ ଲାଗି ରଚିତ । ସେଥିମଧ୍ୟରୁ କେତେକ ଦେଶାତ୍ମବୋଧକ । କେତେକ କୃଷକ, କୃଷି ଓ ଗୋଧନକୁ କେନ୍ଦ୍ର କରି ବର୍ଣ୍ଣନାତ୍ମକ ରୀତିରେ ରଚିତ । ଯଦିବା ସବୁଥିରେ ନନ୍ଦକିଶୋରଙ୍କ କଳ୍ପନା ବିଳାସ ନାହିଁ କିନ୍ତୁ ରାଓ କବିଙ୍କ ନୀତି ଉପଦେଶ ବା ଶିକ୍ଷାଦାନ ପ୍ରବୃତ୍ତି ପୂରି ରହିଛି । ପିଲାଙ୍କ ପାଇଁ 'ବେଙ୍ଗ ଓ ବୁଢ଼ିଆଣୀ', 'ମାଛି ଓ ବୁଢ଼ିଆଣୀ', 'ଚକାଫଳ ନ ଖାଉଁ', ପ୍ରଭୃତି କବିତା ସହିତ 'ପିଲାଙ୍କ ଭାଗବତ', 'ପିଲାଙ୍କ ମହାଭାରତ', ଓ 'ପିଲାଙ୍କ ରାମାୟଣ' ପ୍ରଭୃତି ଗଦ୍ୟରଚନାରେ ସମୃଦ୍ଧ । ଏସବୁ ରଚନା କରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଜାତୀୟତାର ସଂଯୋଜନା କରିବାରେ ସମର୍ଥ ହୋଇଛନ୍ତି ।

ଓଡ଼ିଶାରେ ବାଲ୍ମିକୀ ରାମାୟଣ ଉପରେ ବହୁ ରାମାୟଣ ଓଡ଼ିଆ ଭାଷାରେ ଲେଖା ଯାଇଛି । ସାରଳା ଦାସଙ୍କ 'ସପ୍ତକାଣ୍ଡ ରାମାୟଣ' ଓ 'ବିଲଙ୍କା ରାମାୟଣ', ବଳରାମ ଦାସଙ୍କ 'ଜଗମୋହନ ରାମାୟଣ' ହଳଧର ଦାସଙ୍କ 'ଆଧ୍ୟାତ୍ମ ରାମାୟଣ', କେଶବ ତ୍ରିପାଠୀଙ୍କ ଦଶକାଣ୍ଡ ବିଶିଷ୍ଟ 'ପୂର୍ଣ୍ଣ ରାମାୟଣ', ସୀତାଚରଣ ଦାସଙ୍କ 'ଭକ୍ତ ରସାର୍ଣ୍ଣବ ରାମାୟଣ', ମହେଶ୍ୱର ଦାସଙ୍କ 'ଟୀକା ରାମାୟଣ' ଇତ୍ୟାଦି ପ୍ରସିଦ୍ଧି ଲାଭ କରିଛି ।

ରାମାୟଣ ଉପରେ ବହୁ କାବ୍ୟ, ନାଟକ, ଛାନ୍ଦ, କୋଇଲି, ଚଉତିଶା, ଲୀଳା, ଯାତ୍ରା, ଭଜନ ମଧ୍ୟ ରଚନା କରାଯାଇଛି । ନୀଳକଣ୍ଠ ଦାସଙ୍କ ୫୨ ଅଧ୍ୟାୟ ବିଶିଷ୍ଟ ରାମାୟଣ କାବ୍ୟ 'ରାମାର୍ଚ୍ଚନ ଚନ୍ଦ୍ରିକା' ରଚନା ଅତ୍ୟନ୍ତ ପ୍ରଶଂସନୀୟ । ଏସବୁ ରଚନା ଉପଲବ୍ଧ ହେଉଥିଲେ ମଧ୍ୟ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୮୪ ପୃଷ୍ଠା ସମ୍ବଳିତ ଗଦ୍ୟ ରଚନା 'ପିଲାଙ୍କ ରାମାୟଣ'ର ଉପାଦେୟତା କଣ ଅଛି ? ଏହା ସ୍ୱତଃ ପ୍ରଶ୍ନ ଉଠୁଛି । କିନ୍ତୁ ସୁବୋଧ୍ୟ, ସରଳ ଓଡ଼ିଆ ଗ୍ରାମ୍ୟ ଭାଷାରେ ସବୁ ଶ୍ରେଣୀର ସାଧାରଣ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଗଦ୍ୟରେ ରଚିତ ଏଭଳି ସଂକ୍ଷିପ୍ତ ରାମାୟଣ ବିରଳ ।

ଆଜିର ଶିଶୁ ଦେଶର ଭବିଷ୍ୟତ, ଶିଶୁ ହୃଦୟରେ ଯଥୋଚିତ ଭାବନାର ଉଦ୍ରେକ ପୂର୍ବସୂରୀର କର୍ତ୍ତବ୍ୟ । ଓଡ଼ିଶାର କୋମଳମତି ବାଳକ ବାଳିକା ସାଂସ୍କୃତିକ ଓ ରାଜନୈତିକ ଚିନ୍ତାଧାରାରେ ମାନବିକତାର ପରିଚୟ ଦେଇ ଜାତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହେବା ନୀଳକଣ୍ଠଙ୍କ 'ପିଲାଙ୍କ ରାମାୟଣ' ରଚନାର ଲକ୍ଷ୍ୟ । ପୁସ୍ତକ ମାଧ୍ୟମରେ ପିଲାମାନେ କଳା ସଂସ୍କୃତିର ଜ୍ଞାନ ଆହରଣ କରି ଏବଂ ସେଥିରେ ଚିତ୍ରିତ ଚରିତ୍ର ଗୁଡ଼ିକୁ ଆଖିରେ ରଖି ନିଜକୁ ଗଢ଼ିବେ । ରାମାୟଣ ଆମର ଆଦିକାବ୍ୟ । ଏ ବିଷୟରେ ପଣ୍ଡିତ ନୀଳକଣ୍ଠ ସ୍ୱରଚିତ 'ପିଲାଙ୍କ ରାମାୟଣ'ରେ ଲେଖିଛନ୍ତି – ''ଏହା ପୂର୍ବରୁ ଆଉ କାବ୍ୟ ନ ଥିଲା । ସେଥିପାଇଁ ରାମାୟଣକୁ 'ଆଦିକାବ୍ୟ' ଓ ବାଲ୍ମିକୀଙ୍କୁ 'ଆଦିକବି' କୁହାଯାଏ । ଏହା ପିଲାଙ୍କ ପାଇଁ କେତେଦୂର ଉପଯୋଗୀ, ଆସନ୍ତୁ ଆଲୋଚନା କରିବା ।

ବ୍ୟକ୍ତିତ୍ୱବୋଧ, ଆତ୍ମାଭିମାନ ଓ ଅହମିକାକୁ ବଳିଦେଇ ବୃହତ୍ତର ସ୍ୱାର୍ଥକୁ ଦେଖିବା ଦ୍ୱାରା ମଣିଷ ତ୍ୟାଗବଳରେ ନିଜର ବ୍ୟକ୍ତିଗତ ସତ୍ତାକୁ ବ୍ୟାପକ କରେ ଓ ବୃହତ୍ତର ସାମାଜିକ ସତ୍ତାରେ ନିଜକୁ ସାମିଲ କରେ । ଜଣେ ଦାର୍ଶନିକ ଭାବେ ଜୀବାତ୍ମା ଓ ପରମାତ୍ମା ବିଷୟରେ ନୀଳକଣ୍ଠଙ୍କ ବ୍ୟାଖ୍ୟା ଗ୍ରହଣୀୟ ତଥା ପ୍ରୟୋଗ ଦୃଷ୍ଟିରୁ ସମର୍ଥନୀୟ । ସେ ବ୍ରହ୍ମକୁ ଏକ ତତ୍ତ୍ୱରୂପେ ଗ୍ରହଣ ନ କରି ଜୀବର ବୃହତ୍ତର ସ୍ଥିତିକୁ ସ୍ୱୀକାର କରିଛନ୍ତି । ବ୍ୟକ୍ତି ଯେପରି ନିଜର ବ୍ୟକ୍ତି ସତ୍ତା ଉପରେ ଏକ ସେହିପରି ସମାଜ ମଧ୍ୟ ବ୍ୟକ୍ତିର ସାମୂହିକ ସ୍ଥିତି ଉପରେ ଏକ । ଜଣେ ଯେତେବେଳେ ନିଜର ଐଶ୍ୱର୍ଯ୍ୟ, ଭୋଗବିଳାସ ଛାଡ଼ି ଦଳିତ, ଅବହେଳିତ ସମାଜର ବର୍ଜିତ ଶ୍ରେଣୀ ସହ ସାମିଲ ହୋଇ ନିଜର ସତ୍ତାକୁ ବ୍ୟାପକ କରେ, ସେତେବେଳେ ସେ ବୃହତ୍ତର ସ୍ୱାର୍ଥ ସାଧନରେ ସମର୍ଥ ହୁଏ । ବୁଦ୍ଧଦେବ ସମସ୍ତଙ୍କୁ ଛାଡ଼ି ଏହା ପରୀକ୍ଷା କରିଥିଲେ । ରାମଚନ୍ଦ୍ର ନିଜର ପତ୍ନୀ ସୀତାଙ୍କୁ ନେଇ ଏହା ପରୀକ୍ଷା କରିଥିଲେ । ନିଷାଦ, ବାନର, ରାକ୍ଷସକୁଳ ସହିତ ସମନ୍ୱୟ ସ୍ଥାପନ କରିଥିଲେ । ଉତ୍ତର ଭାରତରୁ ଦକ୍ଷିଣ ଭାରତ ଦେଇ ଲଙ୍କା ପର୍ଯ୍ୟନ୍ତ ଯେଉଁ ଯାତ୍ରା କରିଥିଲେ, ତାହା ଏକ ସାଂସ୍କୃତିକ ଐକ୍ୟର ଯାତ୍ରା । ରାଜ ପରିପାଟୀ ଛାଡ଼ି ବନବାସୀ ହୋଇ ସମସ୍ତଙ୍କର ବିଶ୍ୱାସଭାଜନ ହୋଇଥିଲେ ।

କିଷ୍କିନ୍ଧ୍ୟା କାଣ୍ଡରେ ସୁଗ୍ରୀବଙ୍କ ସହ ଦେଖା ସମ୍ବାଦରେ ନୀଳକଣ୍ଠ ବର୍ଣ୍ଣନା କରିଛନ୍ତି – ''ଅଗ୍ନିସାକ୍ଷୀ କରି ରାମ ସୁଗ୍ରୀବ ଦୁହେଁ ମିତ ହେଲେ । ରାମ କହିଲେ ସେ ବାଳୀକୁ ମାରି ସୁଗ୍ରୀବକୁ ରାଜା କରିଦେବେ ।'' ଜାତିର ଭିନ୍ନତା ଥିଲେ ମଧ୍ୟ ଏକତା ଦ୍ୱାରା ମନୁଷ୍ୟ ଅସାଧ୍ୟ ସାଧନରେ ସମର୍ଥ ହୁଏ । ରାମଙ୍କ ସହିତ ମିତ୍ରତା ସ୍ଥାପନ ପରେ ସୀତାଙ୍କ ଉଦ୍ଧାର ପାଇଁ ସୁଗ୍ରୀବଙ୍କ ବ୍ୟଗ୍ରତା ଏଠାରେ ପ୍ରଣିଧାନଯୋଗ୍ୟ –

''ସୁଗ୍ରୀବ ସବୁ ରାଜାଙ୍କର ରାଜା । ସେ ଏବେ ସବୁ ବାନରଙ୍କୁ ଖବର ଦେବା ପାଇଁ ହନୁମାନଙ୍କୁ କହିଲେ । ଦଶଦିନ ଭିତରେ ସବୁଆଡ଼ୁ କୋଟି କୋଟି ବାନର ଆସି ଜମା ହୋଇଗଲେ । ମହେନ୍ଦ୍ର ପର୍ବତ, ହିମାଚଳ, ବିନ୍ଧ୍ୟାଚଳ, କୈଳାସ, ମଳୟପର୍ବତ, ସମୁଦ୍ର ଆରପାଖ ଉଦୟାଚଳ ଓ ଅସ୍ତାଚଳ, ଅଞ୍ଜନ ପର୍ବତ, ପଦ୍ମାଚଳ, ସୁମେରୁ, ମହାରୁଣ ପର୍ବତ ପ୍ରଭୃତି ସବୁଠାରୁ ବାନରମାନେ ଖବରପାଇଲା କ୍ଷଣି ଆସି ପହଞ୍ଚିଲେ ।''

ଏକତାବଦ୍ଧ ହୋଇ ଚଳିବା ଭିତରେ ଏକତାର ପରିସର ବୃଦ୍ଧି କରିବା ପାଇଁ ପ୍ରକୃଷ୍ଟ ଉପାୟର ଆବଶ୍ୟକତା ରହିଛି । ବିଭୀଷଣ ଶତ୍ରୁ ହେଲେ ମଧ୍ୟ ସେ ଶରଣାଗତ । କିନ୍ତୁ ହଠାତ୍ ତାଙ୍କୁ ବନ୍ଧୁରୂପରେ ଗ୍ରହଣ କରିବା ପୂର୍ବରୁ ରାମଚନ୍ଦ୍ର, ସୁଗ୍ରୀବ ଇତ୍ୟାଦିଙ୍କ ପରାମର୍ଶ ଲୋଡ଼ିଥିଲେ । ନୀଳକଣ୍ଠଙ୍କ ଭାଷାରେ – ''ରାମ ଶୁଣି ସମସ୍ତଙ୍କର ବିଚାର ମାଗିଲେ । ବିଭୀଷଣକୁ ବିଶ୍ୱାସ କରିବାକୁ ସୁଗ୍ରୀବ ବରାବର ମନାକଲେ । ଅନ୍ୟମାନେ ମଧ୍ୟ ସେହିପରି କହିଲେ । ଖାଲି ହନୁମାନ କହିଲେ – ବିଭୀଷଣ ମୁହଁ ଦେଖି ଭଲ ମନୁଷ୍ୟ ପରି ବୋଧ ହେଉଛି । ତାକୁ ଏଠାରେ ରଖିବା ଉଚିତ୍ । ରାମ ଶେଷକୁ କହିଲେ – ଯେ ଆଶ୍ରୟ ମାଗୁଛି ତାକୁ ଆଶ୍ରୟ ଦେବା ଉଚିତ୍ । ବିଭୀଷଣ ଏଠାରେ ରହୁ ।''

ମାନବିକତାରୁ ହିଁ ଜାତୀୟତାଭାବ ସୃଷ୍ଟି ହୁଏ । ଏହି ଭାବନା ନ୍ୟାୟ, ଅନ୍ୟାୟ, କର୍ତ୍ତବ୍ୟ, ଅକର୍ତ୍ତବ୍ୟ, ପାପ, ପୁଣ୍ୟର ଜ୍ଞାନ ପ୍ରଦାନ କରେ । କୋମଳମତି ଶିଶୁ ମନରେ ଏହି ଚିନ୍ତାଧାରାର ଆବଶ୍ୟକତା ରହିଛି । ଯାହାଫଳରେ ସୁସ୍ଥ ସମାଜ ଗଠନ କରିବାରେ ସେ ସମର୍ଥ ହୋଇପାରିବ । ରାମାୟଣରେ

ରାମଙ୍କ ଚରିତ୍ର ମାନବିକତାର ଏକ ମୂର୍ତ୍ତିମନ୍ତ ପ୍ରତୀକ । ବାଳୀକୁ ଶରମାରି ରାମ କହିଲେ – ''ତୁମେ ସାନଭାଇଙ୍କୁ ତଡ଼ିଦେଇ ତା ଭାର୍ଯ୍ୟାକୁ ନେଇ ମହାପାପ କରିଥିଲ । ରାଜା ! ତୁମକୁ ମୁଁ କିପରି ସାହାଯ୍ୟ ମାଗନ୍ତି ?''

ଲଙ୍କାକାଣ୍ଡରେ ସୀତାଙ୍କ ଉଦ୍ଧାର ଓ ଅଗ୍ନିପରୀକ୍ଷା ବର୍ଣ୍ଣନାବସରେ ଇନ୍ଦ୍ର ଖୁସି ହୋଇ ରାମଙ୍କୁ ବର ଦେବେ ବୋଲି କହିଲେ । ରାମ କହିଲେ – ''ଯେବେ ଅନୁଗ୍ରହ କଲେ, ତେବେ ଯେଉଁସବୁ ବାନର ମରିଛନ୍ତି ସେମାନଙ୍କୁ ବଞ୍ଚାଇ ଦିଅନ୍ତୁ । ସେମାନଙ୍କ ଦେଶରେ ବହୁତ ଫଳ ଓ ନଦୀରେ ବହୁତ ଜଳ ହେଉ ।''

ଅଯୋଧ୍ୟାକୁ ଫେରିବା ବାଟରେ ରାମ ଭରଦ୍ୱାଜଙ୍କ ଆଶ୍ରମକୁ ଆସିଲେ । ଭରଦ୍ୱାଜ ଆଶ୍ରମରେ ରହିବାକୁ କହିବାରୁ ସେ ଉତ୍ତର ଦେଲେ – ''ଆମେମାନେ ରହିବୁ । ଆପଣ ଏଇ ଅନୁଗ୍ରହ କରନ୍ତୁ ଅଯୋଧ୍ୟା ବାଟରେ ଯେତେ ଗଛ ଅଛି ସେଥିରେ ମିଠାଫଳ ଓ ବହୁତ ମହୁ ହେଉ ।''

ଏହି ସଂସାର ରୂପକ ରଙ୍ଗମଞ୍ଚରେ ମନୁଷ୍ୟ କାହାର ସନ୍ତାନ, କାହାର ପିତା, କାହାର ଭ୍ରାତା, କାହାର ବନ୍ଧୁ ଇତ୍ୟାଦି ବିଭିନ୍ନ ରୂପ ନେଇ ପରିବାର ଓ ସମାଜରେ ସ୍ନେହ, ମମତାର ବାରି ସିଞ୍ଚନ କରିପାରିଲେ ଭାବୀ ବଂଶଧରମାନଙ୍କର ଅନୁକରଣୀୟ ହୁଏ । ଏଥିପାଇଁ ନିସ୍ୱାର୍ଥପର ମନୋଭାବ ନେଇ ସଂସାରର ତୁଚ୍ଛ ମାୟାମୋହକୁ ତ୍ୟାଗ କରିବାକୁ ପଡ଼େ । ଯେତେବେଳେ ସେ ଭାବେ ଧର୍ମ ହିଁ ମୋର ବନ୍ଧୁ । ମୃତ୍ୟୁ ପରେ ମଧ୍ୟ ସେ ହିଁ ମୋର ସାଥୀ, ସେହି ସମୟରେ ତାର ରାଜ୍ୟ, ଧନରତ୍ନ ପ୍ରତି ମୋହ ଆସିବ ନାହିଁ । ଏଠାରେ ଭରତଙ୍କ ଚରିତ୍ର ଅନୁଧ୍ୟାନର ବିଷୟ ।

ଭରତଙ୍କ ଅନୁପସ୍ଥିତିରେ ରାମଚନ୍ଦ୍ର ପିତୃସତ୍ୟ ପାଳି ଚଉଦବର୍ଷ ବନବାସ ଯାଇଛନ୍ତି । ଭରତ ମାମୁଁଙ୍କ ଘରୁ ଫେରି ଏହା ଶୁଣିବା ପରେ ଅକାଳେ ବଜ୍ରପାତ ପରି ସେ ସ୍ତମ୍ଭୀଭୂତ ହୋଇଗଲେ । ବାତୁଳ ପରି ହେଲେ । ନିଜ ମାତା କୈକେୟୀଙ୍କ କୁମନ୍ତ୍ରଣା ଓ ରାଜ୍ୟର ସବୁ ମୋହକୁ ତୁଚ୍ଛ ମଣିଥିଲେ । ସେ ନୀତିକୁ ଧର୍ମ ବୋଲି ଧରିଥିଲେ । ସମସ୍ତଙ୍କୁ ସେ ଚକିତ କରିଥିଲେ ଓ ନୂତନ ଆଲୋକ ପ୍ରଦାନ କରିଥିଲେ । ପିଲାଙ୍କ ରାମାୟଣରେ ଭରତଙ୍କ ଭକ୍ତିରୁ ଏହା ସ୍ପଷ୍ଟ ହେବ । ଭରତ କହିଲେ – ଭାଇ, ବାପା ଆଉ ନାହାନ୍ତି । ସେ ତୁମ ପାଇଁ କାନ୍ଦି କାନ୍ଦି ସ୍ୱର୍ଗକୁ ଗଲେଣି । ଯାହା ହେବାର ହେଲାଣି । ମୁଁ ପିଲା ଭାଇ । ମୋତେ ଏକାକରି ଛାଡ଼ିଦେଇ କୁଆଡ଼େ ଯିବ ? ତୁମ ରାଜ୍ୟ କିଏ ସମ୍ଭାଳିବ ? ମୁଁ ତ ତା ପାରିବି ନାହିଁ । ତୁମେ ଆସ । ତୁମେ ରାଜଗାଦିରେ ବସିଲେ ଆମେସବୁ ଆନନ୍ଦରେ ରହିବୁ ।''

ସକାଳୁ ଭରତ ପୁଣି କାନ୍ଦିଲେ । ରାମଙ୍କୁ ଫେରାଇବା ପାଇଁ ଜିଦି କଲେ । ଭରତ ଶେଷକୁ ନିରାଶ ହୋଇ ଜିଦି କରି ରାମଙ୍କର କଠଉ ଧରିଲେ । କହିଲେ – ''ଭାଇ, ଯେବେ ନିତାନ୍ତ ନିରାଶ କଲ, ତେବେ ଏହି କଠଉ ଯୋଡ଼ିକ ଦିଅ । ଆଜିଠାରୁ ଏହି କଠଉ ଆମର ରାଜା । ଆମେ ସମସ୍ତେ ଏହାର ଚାକର । ଏ କଠଉକୁ ସିଂହାସନରେ ରଖି, ଚଉଦବରଷ ମୁଁ ତୁମରି ପରି ବକଳ ପିନ୍ଧି, ଫଳମୂଳ ଖାଇ ଅଯୋଧ୍ୟା ବାହାରେ ତୁମକୁ ଚାହିଁ ରହିବି । ଚଉଦବରଷ ପୂରିବାର ପରଦିନ ଯେବେ ତୁମେ ଅଯୋଧ୍ୟାକୁ ଫେରି ନ ଆସ ତେବେ ନିଆଁରେ ପୋଡ଼ି ହୋଇ ମରିବି ।''

ଅଯୋଧ୍ୟାରେ ରାଣୀମାନଙ୍କୁ ରଖି ମନ୍ତ୍ରୀ ପୁରୋହିତମାନଙ୍କୁ ସେ କହିଲେ – ''ଭାଇ ଫେରି ନ ଆସିବା ଯାଏ, ମୁଁ ଅଯୋଧ୍ୟାରେ ରହି ପାରିବି ନାହିଁ, ଚାଲ, ଆମେମାନେ ଯାଇ ନନ୍ଦିଗ୍ରାମରେ ରହିବା, ନନ୍ଦିଗ୍ରାମ ଅଯୋଧ୍ୟା ପାଖ । ସେଠାରେ କଠଉକୁ ସିଂହାସନରେ ରଖି ନିଜେ ବକଳ ପିନ୍ଧି କଠଉ ଉପରେ ଛତା ଧରିଥାନ୍ତି , ଚଁଅର ପକାଉଥାନ୍ତି । ରାଜ୍ୟର କୌଣସି କାମ ପଡିଲେ ଆଗେ କଠଉ ପାଖେ ନ କହି କରନ୍ତି ନାହିଁ ।''

ରାମ ରାଜ୍ୟର ପ୍ରତି ନାଗରିକର ରାମ ଓ ରାମରାଜ୍ୟ ପ୍ରତି ଅଖଣ୍ଡ ବିଶ୍ୱାସ – ଏହା ଜାତୀୟତାବୋଧକୁ ଆହୁରି ସଜୀବ କରିଥିଲା । ପ୍ରଜା ବା ଗଣକ ପାଇଁ ଶାସକ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ତୁଚ୍ଛ ମନେ କରିଥିଲା । ଅନିଚ୍ଛା ସତ୍ତ୍ୱେ ଶାସକ ପ୍ରଜାର ଆପତ୍ତି ଅଭିଯୋଗ ପ୍ରତି କେବଳ ଯେ କର୍ଣ୍ଣପାତ କରୁଥିଲା ତା ନୁହେଁ ତାର ପ୍ରତିକାର କରୁଥିଲା । ରାମରାଜ୍ୟ ରାଜତନ୍ତ୍ରର ପ୍ରଭୁତ୍ୱକୁ ଜାହିର କରିବାକୁ ଉଦ୍ଦିଷ୍ଟ ନ ଥିଲା । ରାଜା ଓ ପ୍ରଜା ମଧ୍ୟରେ ଶାସକ ଓ ଶାସିତର ସମ୍ବନ୍ଧ ନ ଥିଲା । ପ୍ରଜାର ଅନୁରଞ୍ଜନ ପାଇଁ ରାଜାକୁ ପ୍ରଜାର ମାନସିକତା ମଧ୍ୟରେ ପ୍ରବେଶ କରିବାକୁ ହେଉଥିଲା । ପ୍ରଜାମାନଙ୍କର ରାଜାଙ୍କ ପାଇଁ ସମର୍ପଣ ଭାବ, ନିଷ୍ଠା, ବିଶ୍ୱାସ ଓ ଭକ୍ତି ରାମରାଜ୍ୟର ବୈଶିଷ୍ଟ୍ୟ । ମହାତ୍ମା ଗାନ୍ଧୀଙ୍କ ମତରେ – ''ରାଜା ବଡ଼ ନୁହେଁ ରାଜ୍ୟ ବଡ଼ । ରାଜ୍ୟ ପ୍ରତି ଉଭୟ ପ୍ରଜା ଓ ରାଜା ଉତ୍ତରଦାୟୀ ରହିବେ । ପାରସ୍ପରିକ ବିଶ୍ୱାସ, ମୂଲ୍ୟବୋଧ ଓ ନିଷ୍ଠା ରହିଲେ ରାମରାଜ୍ୟ ଏକ ଅସମ୍ଭବ କଳ୍ପନା ନୁହେଁ ।''

ପିଲାଙ୍କ ମନରେ ଏହି ରାମରାଜ୍ୟର ମହତ୍ତ୍ୱ ଅବଗତ କରାଇବା ଆମ୍ଭମାନଙ୍କର ଧର୍ମ । ''ପିଲାଙ୍କ ରାମାୟଣ''ରେ ରାଜା ଓ ପ୍ରଜାର ସମ୍ପର୍କ ତଥା ରାଜନୀତିରେ ଧର୍ମ ଓ ନ୍ୟାୟର ଆବଶ୍ୟକତାକୁ ବଡ଼ ସୁନ୍ଦର ଓ ସରଳ ଭାଷାରେ ବର୍ଣ୍ଣନା କରିଛନ୍ତି ପଣ୍ଡିତ ନୀଳକଣ୍ଠ ।

କୋଶଳ ରାଜ୍ୟର ଦକ୍ଷିଣକୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ଦଣ୍ଡକାରଣ୍ୟ ଲାଗିଥାଏ । ଏହି ଘଞ୍ଚ ଜଙ୍ଗଲରେ ତପସ୍ୟା କରୁଥିବା ଋଷିମାନଙ୍କୁ ଉୟଭୀତ କରାଇ ଅସୁରମାନେ ଘୋର ଉପଦ୍ରବ କରୁଥିଲେ । ତ୍ରିକାଳଦର୍ଶୀ ଋଷି ବିଶ୍ୱାମିତ୍ର ବାଳକ ରାମଚନ୍ଦ୍ରଙ୍କ ସହାୟତା ପାଇଁ ରାଜା ଦଶରଥଙ୍କୁ ଅନୁରୋଧ କରିଥିଲେ । ଦଶରଥଙ୍କ ଅନୁରୋଧ ରକ୍ଷାକରି ବାଳକ ରାମ ଓ ଲକ୍ଷ୍ମଣଙ୍କୁ ଋଷିଙ୍କ ସହିତ ପଠାଇଲେ । ସେଠାରେ ରାମ ତାଡ଼କା ଓ ସୁବାହୁକୁ ମାରିଲେ । ମାରିଚକୁ ଶହେ ଯୋଜନ ଦୂରରେ ସମୁଦ୍ରରେ ଫିଙ୍ଗିଦେଲେ ।

ରାଜାର କର୍ତ୍ତବ୍ୟବୋଧ ନିଜ ମାତୃଭୂମି ଓ ଜନନୀ ପ୍ରତି ମମତା ହିଁ ଜାତୀୟତାବୋଧ । ରାବଣକୁ ରାମ ମାରିବା ପରେ ବିଭୀଷଣ ରାମଙ୍କୁ ଅନୁରୋଧ କରିଛନ୍ତି ଆଉ ଦିନଟିଏ ସେଠାରେ ରହିବାକୁ । ଏହାର ଉତ୍ତରରେ ରାମ କହିଛନ୍ତି – ''ବନ୍ଧୁ, ତମର ଉପକାର ଶୁଝି ପାରିବି ନାହିଁ । ଭାଇ ଭରତ, ମା କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କୁ ଦେଖିବାକୁ ମୋ ମନ ବଡ଼ ବ୍ୟସ୍ତ ହେଉଛି । ଏହି ଉକ୍ତି ଦ୍ୱାରା ଏହା ସ୍ପଷ୍ଟ ଯେ ରାଜା ନିଜର ସୁଖଶାନ୍ତି ପାଇଁ ଅନ୍ୟକୁ ଉତ୍କଣ୍ଠାର ସମ୍ମୁଖୀନ ହେବାକୁ ପସନ୍ଦ କରୁ ନ ଥିଲେ ।

ଜଣେ ରାଜା ରାଜ୍ୟ ଶାସନ କରୁଥିବା ସମୟରେ ଅଜ୍ଞାତରେ ଯଦି କିଛି ଭୂଲ କରିଥାଏ ବା କୌଣସି ନିନ୍ଦାଜନକ କାରଣ ଥାଏ, ତାହାହେଲେ ପ୍ରଜାଙ୍କ ସମ୍ମୁଖରେ ମନଖୋଲି ପ୍ରକାଶ କରିବାର ଜିଜ୍ଞାସା ହିଁ ଜାତୀୟତାବୋଧ । ରାମ ପାତ୍ରମନ୍ତ୍ରୀମାନଙ୍କ ସହିତ ବସିଛନ୍ତି । ସବୁଠାରେ ରାମଙ୍କର ସବୁ କାର୍ଯ୍ୟର ପ୍ରଶଂସା ହେଉଛି ବୋଲି ସମସ୍ତେ କହିଲେ । ଶେଷକୁ ରାମ କହିଲେ – ''ପ୍ରଶଂସା ତ ହେଉଛି । ମନୁଷ୍ୟର ପ୍ରଶଂସା, ନିନ୍ଦା ସବୁଥାଏ । ଯେବେ କିଛି ନିନ୍ଦା କେହି ଶୁଣିଥାଏ, ତାହା କେହି କହିଲେ ମୋର ବଡ଼ ଭଲ ହୁଅନ୍ତା । ମୁଁ ଆପଣାକୁ ସୁଧାରି ପାରନ୍ତି । ମୋତେ ମନ ଖୋଲି ସଫା ସଫା କଥା କହ ।'' ସେଠାରେ ଭଦ୍ର ବୋଲି ଜଣେ ଥିଲେ । ସେ କହିଲେ – ''ଆପଣଙ୍କର ସମସ୍ତେ ସବୁ ପ୍ରଶଂସା କରୁଛନ୍ତି । କିନ୍ତୁ କେହି କେହି କହୁଛନ୍ତି । ରାମଚନ୍ଦ୍ର ଯେବେ ଏତେକାଳ ରାକ୍ଷସ ଘରେ ରହିଲା ପରେ ସୀତାଙ୍କୁ ଆଣି ରଖିଲେ ତେବେ ଆଉ ଲୋକେ ଏପରି ନ କହିବେ କାହିଁକି ? ରାମ ଏହା ଶୁଣି ସମସ୍ତଙ୍କୁ ପଚାରିଲେ । ସମସ୍ତେ ସେହି କଥା ସତ ବୋଲି କହିଲେ, ରାମ ସେଦିନ ସଭାରୁ ଯାଇ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନଙ୍କୁ ଡାକି ସବୁ କଥା ବୁଝାଇ କହିଲେ । ସେ କହିଲେ – ''ମୁଁ ସୀତାଙ୍କୁ ଭଲ ବୋଲି ଜାଣେ, ଲକ୍ଷ୍ମଣଙ୍କ ଆଗରେ ନିଜେ ଅଛି ତାଙ୍କୁ ଆଣି ଲଙ୍କାରେ ମତେ ଦେବାରୁ ମୁଁ ତାଙ୍କୁ ଘରକୁ ଆଣିଛି । କିନ୍ତୁ ଆମେ ରାଜା । ପ୍ରଜାମାନଙ୍କ ସନ୍ତୋଷ ଆମର ଦେଖିବା ଉଚିତ୍ । ଆମର ଜୀବନ ପ୍ରଜାଙ୍କ ପାଇଁ । ପ୍ରଜାଙ୍କ ଅସନ୍ତୋଷରେ ଆଉ ସୀତାଙ୍କୁ ରଖିବା ଠିକ୍ ନୁହେଁ । ସେ ଋଷି ଆଶ୍ରମ ଦେଖିବେ ବୋଲି ମତେ କହୁଥିଲେ । ଲକ୍ଷ୍ମଣ ସେ ବାହାନାରେ ତାଙ୍କୁ କାଲି ନେଇ ଗଙ୍ଗା ଆରପାଖେ ବାଲ୍ମୀକିଙ୍କ ଆଶ୍ରମରେ ଛାଡ଼ି ଦିଅନ୍ତୁ । ତୁମ୍ଭେମାନେ ମୋର ଭାଇ, ମୋର ପ୍ରାଣ । ମୋର ଏ କଥାରେ ଆପତ୍ତି କର ନାହିଁ ।''

ଲକ୍ଷ୍ମଣ ଛାଡ଼ି ଦେଇ ଆସିବା ବେଳେ କହିଲେ – ''ରାମଙ୍କର ତୁମଠାରେ କିଛି କଳ୍ପନା ନାହିଁ । ଖାଲି ରାଜ୍ୟ ଲୋକଙ୍କ ପାଇଁ ସେ ଏପରି କଲେ ।''

ରାମରାଜ୍ୟର ପ୍ରଜାମାନେ ରାଜାଙ୍କ ପ୍ରତି ତଦନୁରୂପ ସ୍ନେହ ସହାନୁଭୂତି ପ୍ରଦର୍ଶନ କରୁଥିଲେ । ପିତୃସତ୍ୟ ପାଳି ରାମ, ସୀତା ଲକ୍ଷ୍ମଣଙ୍କ ସହିତ ବଣକୁ ଗଲାବେଳେ ରଥରେ ନ ଯାଇ ଗୋଡରେ ଚାଲି ଯିବାର ଦେଖି ପ୍ରଜାମାନଙ୍କର ବ୍ୟାକୁଳତା ବର୍ଣ୍ଣନା କରାଯାଇଛି – ''ଗୋଡରେ ଚାଲିଯିବାର ଦେଖି ଲୋକେ ହାହାକାର କରି କାନ୍ଦି ଉଠିଲେ । ସୀତାଙ୍କୁ ବାଟ ଚାଲିବାର ଦେଖି ଲୋକେ ବଡ଼ ବ୍ୟାକୁଳ ହୋଇ କାନ୍ଦିଲେ । ଦଶରଥଙ୍କୁ ଭୂତ ଲାଗିଛି ବୋଲି ଲୋକେ କହି ପକାଇଲେ । କହିଲେ – ''ଏ ଦେଶରେ ଆଉ ରହିବା ଠିକ୍ ନୁହେଁ । କୈକେୟୀ ତା ପୁଅକୁ ଘେନି ପଡ଼ିଥାଉ ।''

ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିବାକୁ ଯାଉଛନ୍ତି । ଏହି ସମୟରେ ବାଲ୍ମୀକି ଲବକୁଶଙ୍କୁ ଯଜ୍ଞରେ ଗୀତ ଗାଇବା ଅବସରରେ କହିଲେ – ''ତୁମେମାନେ ପ୍ରତିଦିନ କୋଡ଼ିଏ ଅଧ୍ୟାୟ ରାମାୟଣ ସ୍ୱର ଧରି ଗାଇବ । ରାଜା କହିଲେ ମଧ୍ୟ ତାଙ୍କ ଆଗେ ଆନନ୍ଦରେ ଗାଇବ । କିନ୍ତୁ କାହାରିଠାରୁ କିଛି ଟଙ୍କାପଇସା, ଧନରତ୍ନ ନେବ ନାହିଁ । ବନବାସୀ ମୁନିମାନେ କାହାରିଠାରୁ ଟଙ୍କାପଇସା, ଧନରତ୍ନ ନିଅନ୍ତି ନାହିଁ ।''

ଧର୍ମ ଓ ନ୍ୟାୟରେ ଯଦି ରାଜ୍ୟରେ ରାଜତନ୍ତ୍ର ଚାଲେ, ତାହେଲେ ରାଜ୍ୟରେ ସୁଖ, ଶାନ୍ତି, ମୈତ୍ରୀ ସ୍ଥାପନ ହୁଏ । ଦୋଷୀକୁ ଦଣ୍ଡବିଧାନ ଓ ଜ୍ଞାନୀକୁ ସମ୍ମାନ ପ୍ରଦର୍ଶନ କରିବା ରାଜାର କର୍ତ୍ତବ୍ୟ ।

ମୁନି ଋଷିମାନଙ୍କୁ ସମ୍ମାନ ପ୍ରଦର୍ଶନ ଓ ପ୍ରଜାମାନଙ୍କୁ ନ୍ୟାୟ ପ୍ରଦାନ କରିବା ଫଳରେ ପ୍ରଜାର ରାଜାପ୍ରତି ଆନୁଗତ୍ୟ ରହେ । ଏହା ସହିତ ପରସ୍ପର ମଧ୍ୟରେ ସମ୍ପର୍କ ସୁଦୃଢ଼ ହୁଏ । ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିବା ଅବସରରେ ମୁନିଋଷିଙ୍କ ଉପଦେଶକୁ ଉଲଙ୍ଘନ କରି ନ ଥିଲେ । କୁହାଯାଇଛି – ଭାର୍ଯ୍ୟା ନ ଥିଲେ ଯାଗକାର୍ଯ୍ୟ ହୁଏ ନାହିଁ । ସେଥିପାଇଁ ଋଷିମାନଙ୍କ ସଙ୍ଗେ ବିଚାର କରି ରାମ ସୁନାରେ ସୀତାଙ୍କର ଗୋଟିଏ ପ୍ରତିମା ତିଆରି କଲେ ।

ରାଜା ଓ ପ୍ରଜା ପରସ୍ପର କର୍ତ୍ତବ୍ୟବୋଧ ପ୍ରତି ସଚେତନ ରହିଲେ ରାଜତନ୍ତ୍ର କଳୁଷିତ ହୁଏ ନାହିଁ । ରାଜ୍ୟରେ ଆନନ୍ଦ ଉଲ୍ଲାସର ବାତାବରଣ ରହେ । ରାମ ରାଜ୍ୟରେ ଏଭଳି ସୁଖ ରାଜା ଓ ପ୍ରଜା ଉଭୟ ଅନୁଭବ କରୁଥିଲେ । ଯାହା ରାମାୟଣ କଥାରୁ ପୂର୍ଣ୍ଣ ପ୍ରମାଣିତ ହୁଏ । ଏହି ପରିପ୍ରେକ୍ଷୀରେ ନୀଳକଣ୍ଠଙ୍କ ବର୍ଣ୍ଣନା ପ୍ରତି ଶିଶୁର ହୃଦୟରେ ଜାତି ପ୍ରତି ସ୍ନେହ ମମତା ଜାଗ୍ରତ କରିବ । ଉତ୍ତରକାଣ୍ଡରେ ବର୍ଣ୍ଣନା କରାଯାଇଛି –

ରାମ ମହା ସୁଖରେ ପ୍ରଜା ପାଳିଲେ । କଥାରେ ଅଛି – 'ରାମରାଜ୍ୟ', ସେତେବେଳେ ରାଜ୍ୟରେ ଧୋଇ ମରୁଡ଼ି ହଉ ନ ଥିଲା । ରାମଙ୍କ ଧର୍ମ ହେତୁ କେହି ଅଳ୍ପ ବୟସରେ ମରୁ ନ ଥିଲେ । କେହି ବିଧବା ହେଉ ନ ଥିଲେ ।

''ଏବେ ରାମ ସବୁ ଭାଇ, ଅଯୋଧ୍ୟାଲୋକ, ବାନର ଓ ରାକ୍ଷସମାନଙ୍କୁ ଘେନି ଚାଲି ଚାଲି ସରଜୂନଦୀ ଆଡ଼କୁ ଗଲେ । ସେହି ନଦୀରେ ସମସ୍ତେ ସ୍ନାନ କରି ସାରିଲା ବେଳକୁ ସ୍ୱର୍ଗରୁ ଦେବବିମାନମାନ ଆସି ପହଞ୍ଚିଲା । ସମସ୍ତେ ସେଥିରେ ବସି ସ୍ୱର୍ଗକୁ ଗଲେ ।''

ଭାଷା ଜାତୀୟତାର ଏକ ପ୍ରଧାନ ଉପାଦାନ । ଭାଷା ମାଧ୍ୟମରେ ଦେଶ, ଜାତି ଓ ସମାଜର ଭୂୟୋ ବିକାଶ ସାଧିତ ହୋଇପାରିବ । ବିଶ୍ୱାସର ବଶବର୍ତ୍ତୀ ହୋଇ ସେ ନିଜର କର୍ମ ଓ ଚିନ୍ତାଧାରାଠାରୁ ସାହିତ୍ୟର ଭାଷାକୁ ପୃଥକ୍ କରିନାହାନ୍ତି । ସାହିତ୍ୟକୁ ଗଣମୁଖୀ କରିବା ନିମନ୍ତେ ସେ ତାର ଭାଷାକୁ କରିଛନ୍ତି ସରଳ, ସହଜ ଓ ସର୍ବଜନଗମ୍ୟ । ତେଣୁ ତାଙ୍କ ସାହିତ୍ୟର ଭାଷା କେବଳ ତାଙ୍କର ପ୍ରାଣର ଭାଷା ନୁହେଁ, ଅଗଣିତ ଓଡ଼ିଆ ପ୍ରାଣର ଭାଷା । ଏ ସମ୍ପର୍କରେ ପଣ୍ଡିତ ଗୋପବନ୍ଧୁ କହନ୍ତି – ''ମନେରଖିବାକୁ ହେବ ଯେ ଓଡ଼ିଆ ଭାଷା ଉପରେ ଆମମାନଙ୍କର ଜାତୀୟ ସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆ ଜାତି ଲୋପ ପାଇବ । ତେଣୁ ଭାଷା ଆମମାନଙ୍କର ପକ୍ଷେ ଜୀବନମରଣ ସମସ୍ୟା ।''

ନିଚ୍ଛକ ଓଡ଼ିଆ ଗ୍ରାମ୍ୟ ଶବ୍ଦର ବ୍ୟବହାର କରି ନୀଳକଣ୍ଠ ସୃଷ୍ଟି କରି ପାରିଛନ୍ତି ଓଡ଼ିଆ ଜାତୀୟତା ବୋଧର ପ୍ରତୀକ, ''ପିଲାଙ୍କ ରାମାୟଣ'' । ଓଡ଼ିଶାର ଗାଁ ଗହଳିରେ ସାଧାରଣ ଲୋକଙ୍କ ଗାଳିଗୁଲଜ, କଥାବାର୍ତ୍ତା ଓଡ଼ିଆ ଜାତୀୟତାକୁ ସଜୀବ କରିପାରିଛି । ମନ୍ଥରା ଓ ରାଜା ଦଶରଥଙ୍କ କୈକେୟୀ ପ୍ରତି ଉକ୍ତି, କୁମ୍ଭକର୍ଣ୍ଣର ପ୍ରତିଦିନ ଜୀବନଯାପନ ପ୍ରଣାଳୀ ପ୍ରଭୃତିର ବର୍ଣ୍ଣନା ଏହାର ନମୁନା ।

ମନ୍ଥରା – ରାଣୀ କୈକେୟୀଙ୍କର ମନ୍ଥରା ବୋଲି ଗୋଟିଏ ପୋଇଲି ଥିଲା । ସକାଳୁ ମନ୍ଥରା କୋଠା ଉପରୁ ଦେଖିଲା ସହରରେ ଚହଳ ପଡ଼ିଛି । ଲୋକମାନେ ଫୁଲମାଳ ବାନ୍ଧିଛନ୍ତି । ହୁଳହୁଳି ଦେଉଛନ୍ତି, ଉତ୍ସବ କରୁଛନ୍ତି । କୌଶଲ୍ୟା ଲୋକଙ୍କୁ ଧନରତ୍ନ ଦେଉଛନ୍ତି । ମନ୍ଥରାକୁ ସବୁକଥା କେମିତି କେମିତି ଲାଗିଲା । ଗୋଟିଏ ଚାକରାଣୀଠାରୁ ଜାଣିଲା ରାମଙ୍କର କାଲି ଅଭିଷେକ ହେବ ବୋଲି । ଏହା ଶୁଣି ତା ଦେହରେ ଗୋଟେ ଛୁରୀ ଚାଲିଗଲା ପରି ତାକୁ ଲାଗିଲା । ସେ କୈକେୟୀଙ୍କୁ ଡାକି କହିଲା – ''ଉଠ୍‌ଲୋ କାବାଡ଼ି, ଶୋଇଛି । ୟାକୁ ନିଦ ଲାଗିଛି । ସବୁ ସୁଖଶରଧା ଯେ ଏଣେ ଶୁଖିଯାଉଛି । ଏକଥା ଜଣାପଡୁନାହିଁ ।''

''ମା ଭାଗବତି ! କଣ ହେଲାଣି ବୁଝିଛୁ ? ବର ତତେ ଏତେ ସିନିଆ ଦେଖେଇ ହେଉଥିଲା । ଏବେ ଭରତକୁ ମାମୁଁ ଘରକୁ ପଠାଇଦେଲା । ଏଣେ ରାମକୁ ତରତର କରି ସିଂହାସନରେ ବସାଇ ଦେଉଛି ।''

''ମନ୍ଥରାର କୁମନ୍ତ୍ରଣାର ଶିକାର ହୋଇ କୈକେୟୀ ରାମଙ୍କୁ ବନକୁ ପଠାଇ ଭରତକୁ ରାଜା କରିବ ବୋଲି ଦଶରଥଙ୍କୁ ସତ୍ୟ କରାଇଅଛନ୍ତି । କିନ୍ତୁ ରାଜା ଏଥିପ୍ରତି ନାରାଜ ହେବାର ଦେଖି କୈକେୟୀ ମୁହଁକୁ ଛିଞ୍ଚାଡ଼ିକରି କହିଲେ – ବର ଦେବ ବୋଲି କହିଥିଲ । ଏବେ ସତ୍ୟ କଲ । ମତେ ପଚାରୁଛ, ମୋର ସତେ ଏଇ ଇଚ୍ଛା ! ନ କରିବ ତ ନାଇଁ, ଏତେ ପ୍ରକାର କାହିଁକି ?''

ଏହା ଶୁଣି କ୍ରୋଧରେ ଦଶରଥଙ୍କର ଦେହ ଜଳିଗଲା । ଆଉ ସମ୍ଭାଳି ପାରିଲେ ନାହିଁ । କହିଲେ – ''ରାକ୍ଷସି, ଏ ବଂଶ ନାଶ କରିବାକୁ ତୁ ବିଚାରୁଛୁ ? ରାମ ତ ତତେ ମାଠାରୁ ବେଶୀ ଭଲ ପାଏ । ତୁ ପିଶାଚୀ କାହିଁକି ତାର ସର୍ବନାଶ ବିଚାରୁଛୁ ? ରାଜା ଝିଅ ତୁ, ସାପ ପରି ମୋ ଘରେ ପଶିଥିଲୁ । ମୁଁ ଏତେକାଳ ଦୁଧ ପିଆଇ ସାପ ପୋଷିଥିଲି ପିଶାଚି ।'' ପୁଣି କହୁଛନ୍ତି – ''ସଂସାର ଲୋକେ ମୋ ନାଁରେ ଛେପ ପକେଇବେ । କହିବେ – କେଡେ ବଳଦ ଏ ଦଶରଥ । ମାଇପିଟା କଥାରେ ପଡ଼ି ରାମ

ପରି ପୁଅକୁ ବଣକୁ ପଠାଇଦେଲା । ଲୋକେ ଏ କଥା ଗାଇ ବୁଲିବେ । ଘରେ ଘରେ ମୋ ନାଁ ପଡ଼ିବ ।''

ଏଠାରେ ମାଇକିନିଆ, ଚାକରାଣୀ, ଏଇଟି, ଡେବିରିହାତ, ପହଞ୍ଚିଲେ, ହାତଧରିବା, କାବାଡ଼ି, ସିନିଅ, ଶରଧା, ମୋ ନାଁ ପଡ଼ିବା, ଦୁଧ ପିଆଇ ସାପ ପୋଷିବା ଇତ୍ୟାଦି ଶବ୍ଦ ଓ ବାକ୍ୟାଂଶ ବ୍ୟବହାର କରି ଓଡ଼ିଆ ପିଲାଙ୍କ ହୃଦୟରେ ଜାତୀୟତାଭାବ ସୃଷ୍ଟି କରାଯାଇଛି । ଏହା ସହିତ କୌଣସି ଯୁକ୍ତାକ୍ଷର, କଠିନ ସମାସ, ଅତ୍ୟନ୍ତ କ୍ଲିଷ୍ଟଶବ୍ଦ ବ୍ୟବହାରକୁ ପରିତ୍ୟାଗ କରି ଓ ପିଲାଙ୍କ ରାମାୟଣରେ ଓଡ଼ିଆ ଭାଷାର ସଂଯୋଜନା କରି ଜାତୀୟତାର ପରିଚୟ ଦେଇଛନ୍ତି ।

ଓଡ଼ିଆ ପିଲାମାନେ ନ୍ୟାୟ, ଦର୍ଶନ, ଧର୍ମଶାସ୍ତ୍ର, ଶିଳ୍ପଶାସ୍ତ୍ର, ନୀତିଶାସ୍ତ୍ର, ଆୟୁର୍ବେଦ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର ତଥା ରାମାୟଣ ସମୟରେ ଭାରତବର୍ଷର ସାମାଜିକ, ଅର୍ଥନୈତିକ, ଭୌଗୋଳିକ ଜ୍ଞାନ ଆହରଣ କରି ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିବେ – ଏ ଆଶା ମନୀଷୀ ନୀଳକଣ୍ଠଙ୍କ ''ପିଲାଙ୍କ ରାମାୟଣ''ରେ ସ୍ପଷ୍ଟ ହୋଇଛି । ମୁନିରଷିମାନଙ୍କର ଅସାଧସାଧନ, ଦୁଷ୍ଟଦଳନ ସନ୍ଥପାଳନର ପରମ୍ପରା, ଭ୍ରାତୃସ୍ନେହ, ବାସଲ୍ୟମମତା, ବନ୍ଧୁପ୍ରୀତି, ଧୈର୍ଯ୍ୟ, ସହିଷ୍ଣୁତା ଇତ୍ୟାଦିର ଜ୍ଞାନ ଓଡ଼ିଆ ପିଲାମାନେ ଆହରଣ କରିବାର ପ୍ରେରଣା ଏହି ରାମାୟଣରେ ରହିଛି । ''ବସୁଧୈବ କୁଟୁମ୍ବକମ୍'', ''ଆ ବୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ'', ''ସର୍ବେ ଭବନ୍ତୁ ସୁଖିନଃ'', ''ରାମାଦିବତ୍ ପ୍ରବର୍ତ୍ତିତବ୍ୟ ନ ରାବଣାଦିବତ'' ଇତ୍ୟାଦି ଜାତୀୟ ଭାବନା ପିଲାଙ୍କ ଉଜ୍ଜୀବିତ କରିବାର ବାସନା ଏହି ଲେଖାର ଉଦ୍ଦେଶ୍ୟ । ଐତିହ୍ୟର ଜ୍ଞାନ ଆହରଣ କଲେ ଓଡ଼ିଆ ପିଲାମାନେ ସର୍ବଭାରତୀୟ ସ୍ତରରେ ନିଜକୁ ସାମିଲ କରି ପାରିବେ ଓ ଅଜ୍ଞାନର ହୀନମାନ୍ୟତାଠାରୁ ଦୂରରେ ରହି ପାରିବ । ପଣ୍ଡିତ ନୀଳକଣ୍ଠ ଦାସ ମହାତ୍ମାଗାନ୍ଧୀଙ୍କ ଡାକରା ''ରାମରାଜ୍ୟ ପ୍ରତିଷ୍ଠା''ର ମହତ୍ତ୍ୱ ପିଲାମାନେ ହୃଦୟଙ୍ଗମ କରିବାର ପ୍ରୟାସ କରିଛନ୍ତି । ବିଶ୍ୱଜନପ୍ରୀତି ଓ ଭଗବଦ୍‌ପ୍ରୀତିରେ ଅଭିମନ୍ତ୍ରିତ ନୀଳକଣ୍ଠଙ୍କ ପିଲାଙ୍କ ରାମାୟଣରେ ଓଡ଼ିଆ ଜାତୀୟତାର ସଂଯୋଜନା ତାଙ୍କୁ ଚିର ଅମର କରି ରଖିବ ।

''ଜାତୀୟ ମମତା ବିଶ୍ୱଜନପ୍ରୀତି
ଉତ୍କଳବାସୀର ହେଉ ଏହା ନୀତି ।''

ଆଇ.ଭି.ଆର – ୮୪
ୟୁନିଟ-୬, ଭୁବନେଶ୍ୱର-୭୫୧୦୦୧




ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟପାଳ ଶ୍ରୀ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଏକ ଛାତ୍ରୀ ନିବାସର ଶୁଭ ଦେଉଛନ୍ତି । ୧୬.୦୭.୧୦